## ଆଜି କ'ଣ କେଉଁଠି

ଭଞ୍ଜନଗର

- ତରୁଣ କଳାକାର ସଂସ୍ଥାର ବହି ପୂଜା। ସ୍ଥାନ–କେଏସ୍‌ୟୁବି କଲେଜ, ସମୟ –ପୂର୍ବାହ୍ନ ୧୧ ଟା।

## ସଂକ୍ଷେପରେ

### ସିପିଏମ୍ ନେତା ବସନ୍ତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ




**ବ୍ରହ୍ମପୁର ଅଫିସ,୩।୧୨:** ସିପିଏମ ନେତା ସ୍ୱର୍ଗତ ବସନ୍ତ ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ବା ସ୍ମୃତିଚାରଣ ସଭା ଶନିବାର ସନ୍ଧ୍ୟାରେ ବ୍ରହ୍ମପୁରସ୍ଥ ଶହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲା କମିଟି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବାମପନ୍ଥୀ ନେତା ତଥା ସିପିଏମ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ଗରିବ ଓ ମେହନତୀଙ୍କ ପାଇଁ ବସନ୍ତଙ୍କ ଜୀବନବ୍ୟାପି ସଂଗ୍ରାମ ସମ୍ପର୍କରେ ମନେ ପକାଇ ଦେଇଥିଲେ। ଓଡ଼ିଶା କୃଷକ ସଭା ରାଜ୍ୟ ନେତା ଜଗନ୍ନାଥ ମିଶ୍ର ଏଥିରେ ଯୋଗ ଦେଇଥିଲେ। ଜିଲା ସିପିଏମ ସମ୍ପାଦକ ଯୁଧିଷ୍ଠିର ବେହେରା ଅଧକ୍ଷତା କରିଥିବା ବେଳେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଆଇ (ଏମଏଲ) ନେତା ଶଙ୍କର ସାହୁ, ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପଣ୍ଡା, କଂଗ୍ରେସର ବରିଷ୍ଠ ନେତା ପୀତବାସ ପଣ୍ଡା, ସିପିଏମ ନେତା କୈଳାସ ଷଡ଼ଙ୍ଗୀ, ବିଜେଡି କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ପ୍ରମୁଖ ଶ୍ରମିକ ସମାଜର ସ୍ୱାର୍ଥ ନିମନ୍ତେ ସର୍ବଦା ଲଢ଼େଇ କରୁଥିବା ବସନ୍ତଙ୍କ ସ୍ମୃତିଚାରଣ ସହ ସେହି ଅମ୍ଳାନ ଆତ୍ମାର ସଦଗତି କାମନା କରିଥିଲେ। ସିଆଇଟିୟୁ ନେତା ପ୍ରତାପ ଚୌଧୁରୀ, ଅଶୋକ ଦାସ, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ବିଜୁଳି କର୍ମଚାରୀ ସଂଘ ନେତା ପଞ୍ଚାନନ ଜେନାଙ୍କ ସମେତ ବିଭିନ୍ନ ସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ଦଳମତ ନିର୍ବିଶେଷରେ ସମସ୍ତେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ ଗତବର୍ଷ ରାଉରକେଲାରେ ଅନୁଷ୍ଠିତ ସିପିଏମ ରାଜ୍ୟ ସମ୍ମିଳନୀରେ ଯୋଗ ଦେଇଥିଲେ ବସନ୍ତ। ସେଠାରେ ହଠାତ୍ ଅସୁସ୍ଥ ହୋଇ ତାଙ୍କ ଦେହାନ୍ତ ହୋଇଥିଲା।

### ସେବା ନିବୃତ୍ତ କର୍ମଚାରୀଙ୍କୁ ବକେୟା ମହଙ୍ଗା ଭତ୍ତା ଦାବି

**ବ୍ରହ୍ମପୁର ଅଫିସ,୩।୧୨:** ସେବା ନିବୃତ୍ତ କର୍ମଚାରୀଙ୍କୁ ୧୮ ମାସର ବକେୟା ମହଙ୍ଗା ଭତ୍ତା ଓ ବାର୍ଷିକ ୪% ମହଙ୍ଗା ଭତ୍ତା ଦାବି ନେଇ ଶୁକ୍ରବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଜୁଲାଇ ମାସରୁ ବର୍ଦ୍ଧିତ ୪% ମହଙ୍ଗା ଭତ୍ତା ଓ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ପ୍ରତି ମାସରେ ୧୦୦୦ ଟଙ୍କା ପେନସନ ସହ ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସଂଘ ଧାରଣା ଦେବ ବୋଲି ଚେତାବନୀ ଦେଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଶିବ ପ୍ରସନ ମିଶ୍ର, ରବିନ୍ଦ୍ର କୁମାର ସାହୁ, ରବି ନାରାୟଣ ସାବତ, ବସନ୍ତ କୁମାର ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଖାଲଖମାରେ ଭର୍ତ୍ତି ପୂର୍ତ୍ତ ବିଭାଗ ରାସ୍ତା, ବଢ଼ୁଛି ଦୁର୍ଘଟଣା

ବ୍ରହ୍ମପୁର ଅଫିସ, ୩।୧୧

ସରକାର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ମଧ୍ୟ ସହରର ଅନେକ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ରାସ୍ତା ମରାମତି କ୍ଷେତ୍ରରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଲୋକମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି। ଏ ନେଇ ସାଧାରଣ ଜନତାଙ୍କ ପକ୍ଷରୁ ଉନ୍ନତମାନର ରାସ୍ତା କାର୍ଯ୍ୟ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସହର ମଧ୍ୟରେ ପୂର୍ତ୍ତ ବିଭାଗ ଅଧୀନସ୍ଥ ଅନେକ ରାସ୍ତା ମରାମତିରେ ନିମ୍ନ ମାନର କାର୍ଯ୍ୟ କାରଣରୁ କମ ସମୟ ମଧ୍ୟରେ ରାସ୍ତା ଖରାପ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସହରର ବିଜିପୁରଠାରୁ ଗୋଷାଇଁ ନୂଆଗାଁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଗତ କିଛି ଦିନ ତଳେ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଗୋଷାଇଁ ନୂଆଗାଁ ସ୍ଥିତ କେସି ହାଇସ୍କୁଲ ସମ୍ମୁଖ ରାସ୍ତାରେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି। ହଳଦିଆପଦର ଓଭରବ୍ରିଜ ଓ ଜାତୀୟ ରାଜପଥକୁ ଯିବା ନିମନ୍ତେ ଲୋକମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ହେଲେ ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଶତାଧିକ ଭାରୀଯାନ ମଧ୍ୟ ଯାତାୟାତ କରିଥାଏ। କିନ୍ତୁ ରାସ୍ତା ମଝିରେ ବିରାଟ ଗର୍ତ୍ତ କାରଣରୁ ଅନେକ ସମୟରେ ବହୁ ଦୁର୍ଘଟଣା ଘଟୁଛି। ନିକଟରେ ଏକ ଶିକ୍ଷାନୁଷ୍ଠାନ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ସୂଚନାଥାଉ କି, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ–୨ ପକ୍ଷରୁ ରାସ୍ତାର ମରାମତି କରାଯାଇଥିଲା। କିନ୍ତୁ ମରାମତିର କିଛି ଦିନ ନ ପୂରୁଣୁ ପୁଣି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ପୂର୍ତ୍ତ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଆଙ୍କୁଲି ଓଭରବ୍ରିଜ ପାର୍ଶ୍ୱ ରାସ୍ତା ଉପରୁ ପିଚୁ ଉଠିଯାଇଛି। ଏ ନେଇ ସ୍ଥାନୀୟବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳୁଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ–୨ ଅଧିକ୍ଷଣ ଯନ୍ତ୍ରୀ ଇଂ.ତପନ କୁମାର ପାଣିଗ୍ରାହୀଙ୍କୁ ସହ ଯୋଗାଯୋଗ ବେଳେ କହିଛନ୍ତି ଯେ, ଜନ ସ୍ୱାସ୍ଥ୍ୟ ବିଭାଗର ପାଇପ ଲାଇନ କାରଣରୁ ପାଣି ଜମି ରହି ଗର୍ତ୍ତ ସୃଷ୍ଟି ହେଉଥିବା ସେ କହିଛନ୍ତି। ଜନ ସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଜଗଦିଶ ପାତ୍ରଙ୍କୁ ପଚାରିବାରୁ ଏଠାରେ ଥିବା ପାଇପ ଲାଇନର ମରାମତି କରାଯିବ। ଆଗାମୀ ଦିନରେ ଏଠାରେ ରହିଥିବା ପାଇପ ଲାଇନ ସଂଯୋଗୀକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଯାହାଦ୍ୱାରା ରାସ୍ତା ଖରାପ ହେବା ସମସ୍ୟା ଉପୁଜିବ ନାହିଁ ବୋଲି ସେ କହିଛନ୍ତି।


କେ ସି ହାଇସ୍କୁଲ ସମ୍ମୁଖ ଖାଲ ଖମା ରାସ୍ତା।




## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ଗୌତମ


@ ସତ୍ୟବ୍ରତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରହ୍ମପୁରରେ ହାଇକୋର୍ଟ ବିଚାରପତିଙ୍କ ସମୀକ୍ଷା


ଓକିଲଙ୍କ ସହ ଆଲୋଚନା କରୁଛନ୍ତି ହାଇକୋର୍ଟ ବିଚାରପତି।

ବ୍ରହ୍ମପୁର ଅଫିସ,୩।୧୨

**ସମସ୍ତ କୋର୍ଟର ସୁରକ୍ଷା ଅନୁଧ୍ୟାନ କଲେ**

ହାଇକୋର୍ଟ ବିଚାରପତି ତଥା ଗଞ୍ଜାମ ପ୍ରୋଟକଲ୍ ଜଜ୍ ଡ.ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଶନିବାର ବ୍ରହ୍ମପୁର ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ସ୍ଥାପନ ହୋଇଥିବା ଏସ୍‌ବିଆଇ ବ୍ୟାଙ୍କ ଏଟିଏମ୍ ଏବଂ ଚଲାପଥ କରିଡରକୁ ଉଦ୍‌ଘାଟନ କରିଥିଲେ। ପରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଗୋଟିଏ ସପ୍ତାହରେ ଏହି କୋର୍ଟ ପରିସରରେ ଦୁଇଟି ଅଭାବନୀୟ ଘଟଣା ଘଟିଥିବାରୁ ଚିନ୍ତାବ୍ୟକ୍ତ କରିଥିଲେ। ଡ.ଷଡ଼ଙ୍ଗୀ ଜିଲାଜଜ୍‌ଙ୍କ କୋର୍ଟ ପରିସରରେ ଥିବା ସମସ୍ତ ୧୫ଟି କୋର୍ଟ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ଅପରାହ୍ନରେ ଜିଲା ଜଜ୍‌ଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ପୁରୁଣା ମାମଲାର ଫଇସଲା ଓ ବିଚାରାଧୀନ ମାମଲାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସେ ତଦାରଖ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ସିଭିଲ୍ ରେଜିଷ୍ଟ୍ରାର୍ ସୁଶାନ୍ତ କୁମାର ମିଶ୍ର, ଗଞ୍ଜାମ ଓକିଲ ସଂଘ ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ, ଉପସଭାପତି ପ୍ରକାଶ ଚନ୍ଦ୍ର ଦାଶ, ଯୁଗ୍ମସମ୍ପାଦକ ଏ.ଦୁର୍ଗା ରାଓ ଓ ବହୁ ବରିଷ୍ଠ ଆଇନଜୀବୀଙ୍କ ସହ ବିଚାରପତି ଆଲୋଚନା କରି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ।

## ୩୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ବ୍ରହ୍ମପୁର ଅଫିସ,୩।୧୨

ବ୍ରହ୍ମପୁର ମହାନଗର ଉପକଣ୍ଠ ଯୋଗିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରିଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କଣ୍ଢେଇମେଳା ମଧ୍ୟ ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ଉଭୟ ମେଳାକୁ ସଂଯୋଜନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସୁଶାନ୍ତ କୁମାର ପଣ୍ଡା ଉଦଘାଟନ କରିଥିବା ବେଳେ ଶିକ୍ଷୟିତ୍ରୀ ସଂଗୀତା ଦାସ, ରୀତାରାଣୀ ପଣ୍ଡା, ମାମାନନ୍ଦିନୀ ଦାସ ଓ ଜ୍ୟୋତିର୍ମୟୀ ପାଢ଼ୀ ସହଯୋଗ କରିଥିଲେ। ମେଳାରେ ୨୦ ବିଦ୍ୟାର୍ଥୀ ଅଂଶଗ୍ରହଣ କରି ଦକ୍ଷତା ଦେଖାଇଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବାକୁ ଛାତ୍ରୀ ମନୀଷା ସେଠୀଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧନ ପଣ୍ଡା, ମନୋଜ କୁମାର ପଣ୍ଡା, ବି. ରବୀନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

ଦିଗପହଣ୍ଡି,୩।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚକାତେନ୍ତୁଳି ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସୁରେଶ ଗୌଡ଼ଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ବୁଲୁ ଜେନା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଶନିବାର ଏନେଇ ଏତଲା ହେବା ପରେ ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଥାନା ମାମଲା ନଂ.୪୧୦/୨୨ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି। ଗିରଫ ଭୟରେ ଅଭିଯୁକ୍ତ ଗ୍ରାମରୁ ଫେରାର ଥିବା ଜଣାପଡିଛି। ଗୁରୁବାର ସୁରେଶ ଗାଁକୁ ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ବୁଲୁ କାଶୀ ବିଶ୍ୱନାଥ ମନ୍ଦିର ଛକରେ ସୁରେଶଙ୍କୁ ନିଧୁକ ମାଡ଼ ମାରି କେନାଲ ମଧ୍ୟକୁ ଠେଲି ଦେଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସା ହୋଇ ଫେରିବା ପରେ ସୁରେଶ ଥାନାରେ ଏତଲା ଦେଇଥିବା ଜଣାପଡିଛି।

# ୨ ସାକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୩।୧୨

**ଅଳକାପୁରୀ ହତ୍ୟା ମାମଲା**

ସଦର ଥାନା ଅନ୍ତର୍ଗତ ଅଳକାପୁରୀରେ ରହୁଥିବା ସୁରଜା ବେହେରାଙ୍କୁ ଗତ ଫେବୃଆରୀ ୨୪ ତାରିଖ ସନ୍ଧ୍ୟାରେ ହତ୍ୟା କରାଯାଇଥିଲା। ଏହି ମାମଲାର ୨ଜଣ ସାକ୍ଷୀ ଶନିବାର ଏଡିଜେ ଏଲଆର ରାଜକୁମାର ଦାସଙ୍କ କୋର୍ଟରେ ହାଜର ହୋଇଥିଲେ। ସେମାନେ ହେଲେ ମୃତ ମହିଳାଙ୍କ ସ୍ୱାମୀ ବିଜୟ କୁମାର ବେହେରା ଓ ମୃତଦେହ ପଞ୍ଚନାମା ବେଳେ ଉପସ୍ଥିତ ଥିବା ଶ୍ରୀନିବାସ ପଣ୍ଡା। ଉଭୟଙ୍କ ବୟାନ ରେକର୍ଡ କରାଯାଇଛି। ଏହି ମାମଲାରେ ମୋଟ ୨୮ଜଣ ସାକ୍ଷୀ ରହିଥିବା ବେଳେ ଏଯାବତ ୧୦ଜଣଙ୍କ ବୟାନ ରେକର୍ଡ ହୋଇସାରିଥିବା ଅତିରିକ୍ତ ପିପି ରଜତ କୁମାର ଦାସ ସୂଚନା ଦେଇଛନ୍ତି। ଅଳକାପୁରୀ ୭ମ ଲାଇନରେ ବିଜୟ ଓ ତାଙ୍କ ସ୍ତ୍ରୀ ସୁରଜା ରହୁଥିଲେ। ପୁଅ ରଶ୍ମିରଞ୍ଜନ ବେହେରା ଭୁବନେଶ୍ୱରରେ ରହି କାମ କରୁଥିଲେ। ଗତ ଫେବୃଆରୀ ୨୪ ତାରିଖ ସନ୍ଧ୍ୟାରେ ବିଜୟ ସନ୍ଧ୍ୟା ଭ୍ରମଣ ପାଇଁ ଘରୁ ବାହାରିବା ପରେ ସୁରଜା ଘର ସମ୍ମୁଖ ଗ୍ରୀଲରେ ତାଲା ଦେଇ ଘର ଭିତରକୁ ଯାଇଥିଲେ। ସାନ୍ଧ୍ୟ ଭ୍ରମଣ ସାରି ବିଜୟ ଘରକୁ ଫେରି ସ୍ତ୍ରୀଙ୍କୁ ଗ୍ରୀଲ ତାଲା ଖୋଲିବାକୁ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଆସିବାରୁ ବିଜୟଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ବିଜୟ ଘର ଭିତରକୁ ଯିବାରେ ଖଟରେ ସୁରଜାଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ଅଭିଯୋଗ ପରେ ନଂ. ୯୫/୨୨ ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ପୋଲିସ କବିସୂର୍ଯ୍ୟନଗରର ବଳରାମ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମିଳିଲା ଜାମିନ

ବ୍ରହ୍ମପୁର ଅଫିସ,୩।୧୧

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବାଘୁଆ ଜଳସେଚନ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଛି। ବ୍ରହ୍ମପୁରରେ ଥିବା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡା. ଅରୁଣ କୁମାର ସାହୁଙ୍କ ନିକଟରେ ମୁଦୁଲାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ଜାମିନ୍ ସମ୍ପର୍କିତ ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ।

ସେହିପରି ଉକ୍ତ ମାମଲାରେ ୫୦ହଜାର ଟଙ୍କାର ବେଲବଣ୍ଡ ଓ ଦୁଇଜଣ ଜାମିନଦାରଙ୍କୁ ଭିଜିଲାନ୍ସ ଜଜ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ଜଜ୍ ଅଭିଯୁକ୍ତ ବିଷ୍ଣୁଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ବିଷ୍ଣୁ ଚରଣ ଦୁଇ ମାସରୁ ଊର୍ଦ୍ଧ୍ୱ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିବା ପରେ ଶନିବାର ଜାମିନରେ ବାହାରିଛନ୍ତି ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣଙ୍କ ନାମରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ ତାଙ୍କ ବ୍ରହ୍ମପୁର ବାସଭବନ, ବୁଗୁଡା କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। ତାଙ୍କର ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟରୁ ସେ ୧ କୋଟି ୬୩ଲକ୍ଷ ୭୨ହଜାର ଓ ୪୨୩ ଟଙ୍କାର ହିସାବ ଭିଜିଲାନ୍ସ ନିକଟରେ ହିସାବ ଦେଇପାରି ନ ଥିଲେ। ଯାହାକି ଆୟର ଶତକଡ଼ା ୧୦୨ ପ୍ରତିଶତ । ମାମଲା ନଂ. ୨୧/୨୨ରେ ବିଷ୍ଣୁଚରଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଭିଜିଲାନ୍ସ କୋର୍ଟରେ ଆଗତ ହୋଇଥିବା ତାଙ୍କ ଜାମିନକୁ ପିପି ଦୃଢ ବିରୋଧ କରିଥିବାରୁ ଜଜ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ମୁଦୁଲାଙ୍କ ଓକିଲ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ।

## ୨୪ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

ଗୋପାଳପୁର/ବ୍ରହ୍ମପୁର ଅଫିସ, ୩।୧୨

ମହାମାରୀ କରୋନା ଲାଗି ଗତ ଦୁଇ ବର୍ଷ ବନ୍ଦ ରହିଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ଚଳିତବର୍ଷ ଡିସେମ୍ବର ଶେଷ ସପ୍ତାହରେ ହେବାକୁ ଯାଉଛି। ଗଞ୍ଜାମ ଜିଲା ପ୍ରାଶାସନ ପକ୍ଷରୁ ଟୁଇଟ ଯୋଗେ ଏହି ସୂଚନା ଦିଆଯାଇଛି। ବର୍ତ୍ତମାନ କରୋନାର ବିଶେଷ ପ୍ରଭାବ ନାହିଁ। ରାଜ୍ୟରୁ ସମସ୍ତ କୋଭିଡ କଟକଣା ଉଠିଯାଇଛି। ତେଣୁ ଚଳିତଥର ମହୋତ୍ସବ ପାଇଁ ଗୋପାଳପୁର ଠାରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ନେଇ ପ୍ରସ୍ତୁତି ବୈଠକରେ ରୂପରେଖ ପ୍ରସ୍ତୁତ ହୋଇସାରିଛି। ଶନିବାର ଗୋପାଳପୁର ବେଳାଭୂମି ମହୋତ୍ସବର ଲଗୋ ଉନ୍ମୋଚିତ ହୋଇଛି। ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ, ଜାତୀୟ, ଆନ୍ତର୍ଜାତୀୟ କଳାକାରଙ୍କ ଆସିବା ନେଇ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।



ଲୋଗୋ।

# ଟିପିଏସ୍‌ଓଡିଏଲ୍ ବରିଷ୍ଠ ସାଧାରଣ ପରିଚାଳକ ସମ୍ବର୍ଦ୍ଧିତ

ବ୍ରହ୍ମପୁର ଅଫିସ, ୩।୧୨

ଲାଓସ ଦେଶର ଭିଏଣ୍ଟିନ ସହର ସ୍ଥିତ ଲାଓସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ୧୦ମ ଅନ୍ତର୍ଜାତୀୟ ସମ୍ମିଳନୀରେ ଟିପିଏସଓଡିଏଲର ବରିଷ୍ଠ ସାଧାରଣ ପରିଚାଳକ ଇଂ.ପ୍ରମୋଦ କୁମାର ଚୌଧୁରୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଗ୍ଲୋବାଲ ଚ୍ୟାଲେଞ୍ଜ ଇନ ଏନର୍ଜି ସେକ୍ଟର ବିଷୟ ଉପରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ସମେତ ଜର୍ମାନ, ମାଲେସିଆ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଲାଓସ ପ୍ରମୁଖ ରାଷ୍ଟ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶକ୍ତି କ୍ଷେତ୍ରରେ ନିଜ ନିଜ ଦେଶ ପକ୍ଷରୁ ପ୍ରତିନିଧିମାନେ ସଂସ୍କାରମୂଳକ ତଥା ବିଶ୍ୱସ୍ତରୀୟ ଆହ୍ୱାନ ଦେଇଥିଲେ। ଭାରତ ପକ୍ଷରୁ ଟିପିଏସଓଡିଏଲର ବରିଷ୍ଠ ସାଧାରଣ ପରିଚାଳକ ପ୍ରମୋଦ କୁମାର ଚୌଧୁରୀଙ୍କୁ ଆନ୍ତର୍ଜାତିକ ସମ୍ମିଳନୀ କମିଟି ଲାଓସକୁ ପଠାଇଥିଲେ। ସେଠାରେ ସେ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକାର ପାରଦର୍ଶିତା ସଂପର୍କରେ ଆଲୋକପାତ କରିଥିଲେ। ଏସଓଡିଏଲ ପରିବାର ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଟିପିଏସଓଡିଏଲ ସାଧାରଣ ପରିଚାଳକଙ୍କୁ ସମ୍ବର୍ଦ୍ଧନା।

# ସାଇବର ଠକଙ୍କ ଟାର୍ଗେଟରେ ବରିଷ୍ଠ ନାଗରିକ

ବ୍ରହ୍ମପୁର ଅଫିସ,୩।୧୨

**ବ୍ୟାଙ୍କ ଆକାଉଣ୍ଟରୁ ଲୁଟି ନେଲେ ୫ ଲକ୍ଷ**

ସାଇବର ଠକଙ୍କ ଟାର୍ଗେଟରେ ଏବେ ବରିଷ୍ଠ ନାଗରିକମାନେ ରହିଛନ୍ତି। ଠକ ଗ୍ୟାଙ୍ଗ ସେମାନଙ୍କ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ବ୍ରହ୍ମପୁର ସହର ଉପକଣ୍ଠ ଭାବିନୀପୁର ଦେବରାଜନଗର ଅଞ୍ଚଳର ବରିଷ୍ଠ ନାଗରିକ ପିତାମ୍ବର ପ୍ରଧାନ ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪,୯୯,୯୯୮ଟଙ୍କା ଲୁଟ୍ ହୋଇଥିବା ନେଇ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଆଇଟି ଆକ୍ଟ ସହ ଆଇପିସି ଧାରା ୪୧୯,୪୨୦ ଅନୁଯାୟୀ ୪୮/୨୦୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ପିତାମ୍ବରଙ୍କ ଫୋନକୁ ଗତ ୧୫ତାରିଖରେ ଏକ ମେସେଜ୍ ଆସିଥିଲା। ମେସେଜରେ ଆସିଥିବା ଲିଙ୍କଙ୍କୁ କ୍ଲିକ୍ କଲେ ଏସ୍‌ବିଆଇ ୟୋନୋ ଆପ୍ ଅପଡେଟ୍ ହେବ ବୋଲି ଦର୍ଶାଯାଇଥିଲା। ପୀତାମ୍ବର ସେହି ଲିଙ୍କକୁ କ୍ଲିକ୍ କରିବା ପରେ ଏକ ଫୋନ୍ କଲ୍ ଆସିଥିଲା। ଠକ ଜଣକ କହିଥିଲେ ଯେ, 'ମୁଁ ଏସ୍‌ବିଆଇ କଲ ସେଣ୍ଟରରୁ କହୁଛି, ଆପଣଙ୍କ ମୋବାଇଲକୁ ଆସିଥିବା ଓଟିପି କହିଲେ, ତାହା ଅପଡେଟ୍ ହୋଇଯିବ'। ଠକଙ୍କ କହିବା ପ୍ରକାରେ ପୀତାମ୍ବର ଓଟିପି କହିବାରୁ ବ୍ୟାଙ୍କ ଜମା ଖାତାରୁ ୨,୯୯,୯୯୯ଟଙ୍କା କଟିଯାଇଥିଲା। ଆକାଉଣ୍ଟରୁ ଟଙ୍କା କଟିଯିବା ନେଇ ପୀତାମ୍ବର ଉକ୍ତ ନମ୍ବରକୁ ଫୋନ କରି କହିଥିଲେ। ସମ୍ପୃକ୍ତ ଠକ ଜଣଙ୍କ ଆପଣଙ୍କ ସର୍ଭରେ ସମସ୍ୟା ଅଛି, ଆଉ ଏକ ଓଟିପି ଯିବ, ତାହା କହିଲେ ଟଙ୍କା ଫେରି ପାଇବ ବୋଲି କହିଥିଲେ। ପୁଣିଥରେ ଆସିଥିବା ଓଟିପି କହିବାରୁ, ଆକାଉଣ୍ଟରୁ ଆଉ ୧,୯୯,୯୯୯ ଟଙ୍କା କଟିବା ସହ ଫୋନକଲ୍ ମଧ୍ୟ କଟିଗଲା। ପୀତାମ୍ବର ଏନେଇ ବ୍ୟାଙ୍କ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ବ୍ୟାଙ୍କ୍ ପକ୍ଷରୁ ଏଭଳି କୌଣସି କଲ୍ କରାଯାଇନଥିବା ଅଧିକାରୀ ଜଣଙ୍କ କହିଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ପୀତାମ୍ବର ସାଇବର ଓ ଅର୍ଥନୈତିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ତାକରଡ଼ା ସ୍କୁଲରେ ପୋଷାକ ବିତରଣ ମେଳା

ବୁଗୁଡ଼ା,୩।୧୨(ଡି.ଏନ୍.ଏ.)- ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ପୋଷାକ ଓ ବୁଟ୍ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଦିଲୀପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଜିତାଶ୍ରୀ ନାୟକ, ସକ୍ରିୟ ସଭ୍ୟ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ ୨୪୨ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ସହ ମୋଜା ବିତରଣ କରିଥିଲେ। ଶିକ୍ଷକ ଦେବହରି ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏଥିରେ ପରିଚାଳନା କମିଟି ସଭ୍ୟ ଏବଂ ଅଭିଭାବକମାନେ ମଧ ଉପସ୍ଥିତ ଥିଲେ।

### ନିରଞ୍ଜନ ସରକାରୀ ମହିଳା କଲେଜରେ ତର୍କ, ଦର୍ଶନଶାସ୍ତ୍ର ପାଠ୍ୟକ୍ରମ ଖୋଲିବ

ଆସିକା,୩।୧୨(ଡି.ଏନ୍.ଏ.)- ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ଶ୍ରେଣୀରେ ତର୍କ ଓ ଦର୍ଶନଶାସ୍ତ୍ର ବିଷୟ ଶିକ୍ଷାଦାନ ହେବ। ଏହାଛଡା ପୂର୍ବରୁ ରହିଥିବା ବିଭିନ୍ନ ବିଷୟର ସମ୍ମାନ ଶ୍ରେଣୀରେ ମଧ ସିଟ୍ ବୃଦ୍ଧି ଲାଗି ମଞ୍ଜୁରୀ ମିଳିଛି। ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ଶୁକ୍ରବାର ଏ ସଂକ୍ରାନ୍ତ ପତ୍ର କଲେଜ ଅଧକ୍ଷଙ୍କ ନିକଟକୁ ଆସିଛି। ନୂତନ ବିଷୟ ଓ ବର୍ଦ୍ଧିତ ସମ୍ମାନ ଶ୍ରେଣୀରେ ଛାତ୍ରୀମାନେ ଆସନ୍ତା ଶିକ୍ଷାବର୍ଷ ଠାରୁ ଏହି ସୁଯୋଗ ପାଇପାରିବେ ବୋଲି କଲେଜ ଅଧକ୍ଷ ଗଣେଶ୍ୱର ମାଝି ସୂଚନା ଦେଇଛନ୍ତି। ନୂତନ ଖୋଲୁଥିବା ତର୍କ ଓ ଦର୍ଶନ ଶାସ୍ତ୍ର ବିଷୟରେ ୩୨ଟି ସ୍ଥାନ ଲାଗି ମଞ୍ଜୁରୀ ମିଳିଥିଲା ବେଳେ ପୂର୍ବରୁ ରହିଥିବା ଅର୍ଥନୀତିରେ ୨୪ଟି, ଶିକ୍ଷା ବିଷୟରେ ୧୬ଟି, ଇଂଲିଶରେ ୮ଟି, ହୋମ ସାଇନ୍ସ, ଇତିହାସ ଓ ରାଜନୀତି ବିଜ୍ଞାନରେ ୧୬ଟି ଲେଖାଏ ସ୍ଥାନ ବୃଦ୍ଧି ହୋଇଥିବା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ମୁଞ୍ଜରୀ ପତ୍ରରେ ଉଲ୍ଲେଖ ରହିଛି।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା ୫୦ ପ୍ରକଳ୍ପ ପ୍ରଦର୍ଶିତ

କବିସୂର୍ଯ୍ୟନଗର,୩।୧୨(ଡି.ଏନ.ଏ.)- ସରକାରୀ ବାଳିକା ହାଇସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଶନିବାର ଉଦ୍ଯାପିତ ହୋଇଛି। ୫୦ ପ୍ରତିଯୋଗୀ ପ୍ରକଳ୍ପ ପ୍ରଦର୍ଶନ ମଧରୁ ଶ୍ରେଷ୍ଠ ୪ଜଣଙ୍କୁ ଜିଲାସ୍ତରୀୟ ପାଇଁ ମନୋନୀତ କରାଯାଇଛି। ପ୍ରଧାନ ଶିକ୍ଷକ କୁମୁଦାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁପ୍ରିୟା ନାୟକ, ମୁଖ୍ୟବକ୍ତା ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସମେତ ବିଆର୍ସିସି ପୁନିଆ ବେହେରା, ବିଦ୍ୟାଳୟ ସଭାପତି ବସନ୍ତ କୁମାର ମହାନ୍ତି, ଏବିଇଓ ପ୍ରଶାନ୍ତ କୁମର ପାଣିଗ୍ରାହୀ ଅତିଥି ଥିଲେ। ନିର୍ଣ୍ଣାୟକ ଦାୟିତ୍ୱରେ ଆସିକା ବିଜ୍ଞାନ କଲେଜ ଅଧାପକ ଡ. ବସନ୍ତ କୁମାର ଆଚାରୀ, ଡ. ସୁରଜ କୁମାର ପାଣିଗ୍ରାହୀ ରହିଥିଲେ। ସିଆର୍ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସହଯୋଗ କରିଥିଲେ।

### ଅମରେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ବେଗୁନିଆପଡ଼ା,୩।୧୨-ବେଗୁନିଆପଡ଼ା ବ୍ଲକ କେ ବରିଡ଼ା ଅମରେଶ୍ୱର ମହାଦେବ ମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋଦଳା ଏନଏସି ପୂର୍ବତନ ଅଧକ୍ଷ ତଥା କବିସର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ଚର୍ଚ୍ଚିତ ନେତା ହରପ୍ରସାଦ ସାହୁ ଯୋଗଦେଇ ମନ୍ଦିର ପରିଚାଳନା କମିଟି, ସମସ୍ତ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମନ୍ଦିରର ଆୟ ବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିର ପରିସରରେ ପି ନୂଆଁ ଗାଁର ବସନ୍ତ କୁମାର ରଥଙ୍କ ଦାନ ଅର୍ଥରେ ନିର୍ମିତ ହୋଇଥିବା ନୂତନ ବିବାହ ମଣ୍ଡପକୁ ପୁରୋହିତ ଆଦିତ୍ୟ କୁମାର ରଥଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ସଭା ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବନ୍ଦୋବସ୍ତ ମଧ କରାଯାଇଥିଲା। ମନ୍ଦିର କମିଟିର ସଭାପତି କାଶିନାଥ ବେହେରା, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଅମରେଶ୍ୱର ଯୁବକ ସଂଘ ସଭାପତି ଅତୁଲ କୁମାର ରଥ, ସରପଞ୍ଚ ପ୍ରତିନିଧି ଭଗବାନ ପ୍ରଧାନ ଓ ସମିତି ସଭ୍ୟ ପ୍ରତିନିଧି କୃଷ୍ଣ ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତଥିଲେ।

# ପ୍ରଶାସନକୁ ତାଗିଦ, ଲୋକଙ୍କୁ ମୌଳିକ ସୁବିଧା ଦିଅ

**ଫୁଲବାଣୀ ଅଫିସ, ୩।୧୨**

## ଲାଣ୍ଡାପାଜୁରେ ଡିଏଲଏସ୍ଏ ପ୍ରତିନିଧି ଦଳ


ଗ୍ରାମବାସୀଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ଅବହେଳିତ ଗାଁ ଲାଣ୍ଡାପାଜୁରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ର ପ୍ରତିନିଧି ଦଳ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଲୋକଙ୍କୁ ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରଶାସନକୁ ସେମାନେ ପରାମର୍ଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ରିପୋର୍ଟ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣକୁ ଜଣାଇ ଦିଆଯିବ ବୋଲି ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି।

ଏବେ ଜିଲା ଆଇନସେବା ପ୍ରାଧିକରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେଉଛି। ଲୋକେ କିପରି ସେମାନଙ୍କ ହକ୍ ପାଇପାରିବେ, ମାଗଣା ଆଇନ ସେବା ଏବଂ ବିଭିନ୍ନ ସମସ୍ୟା ଉପରେ କ୍ୟାମ୍ପ କରାଯାଉଛି। ଗତ ସେପ୍ଟମ୍ବର ୨୯ରେ ଧରିତ୍ରୀରେ "ଅବହେଳିତ ଗାଁ ଲାଣ୍ଡାପାଜୁ' ଖବର ପ୍ରକାଶ ପାଇଥିଲା। ଏହାକୁ ଡିଏଲ୍ଏସ୍ଏ ଗୁରୁତ୍ୱ ସହ ନେଇଥିଲା। ଜିଲା ଜଜ୍ ଶୀତକଣ୍ଠ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଅନୁଶୀଳା ରଏ, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଅନ୍ୟ ସଦସ୍ୟମାନେ ଗାଁକୁ ବୁଲି ଯାଇଥିଲେ। ସେମାନେ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତା ନ ଥିବା, ସ୍କୁଲ ବନ୍ଦ ରହିବା, ଗରିବ ଲୋକଙ୍କୁ ଆବାସ ଗୃହ ନ ମିଳିବା, ପାନୀୟ ଜଳର ବନ୍ଦୋବସ୍ତ ଆଦି ନ ଥିବା ଦେଖି ବ୍ଲକ ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଲୋକଙ୍କୁ ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଗସ୍ତ ସମୟରେ ଚକାପାଦ ବିଡିଓ ଅନୀଲ କୁମାର ପଟ୍ଟନାୟକ, ଥାନାଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚକାପାଦ ବ୍ଲକ ବେହେରାଗାଁ ପଞ୍ଚାୟତ ଲାଣ୍ଡାପାଜୁ ଗାଁରେ ପାଖାପାଖି ୬୦ ଘର ଅଛି। ଲୋକସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ ହେବ। ଆଜି ପର୍ଯ୍ୟନ୍ତ ଏହି ଗାଁ କୁ ରାସ୍ତାଟିଏ ନାହିଁ। ଗାଁକୁ ଯିବାକୁ ହେଲେ ପାହାଡ ଏବଂ ନଦୀ ଅତିକ୍ରମ କରିବାକୁ ପଡୁଛି। କିଛି ଦିନ ହେବ ଗ୍ରାମକୁ ଯିବା ଲାଗି ପାହାଡ କାଟି ରାସ୍ତା ହେଉଥିଲା। ମାତ୍ର ଲଗାଣ ବର୍ଷା ଯୋଗୁଁ ପାହାଡ କଟା ଯାଇଥିବା ଅନେକ ସ୍ଥାନରେ ରାସ୍ତା ସମ୍ପୁର୍ଣ୍ଣ ଧୋଇ ହୋଇଯାଇଛି। ସେଠାରେ ବଡ ବଡ ଖାଲ ସହ ପଥୁରିଆ ହୋଇଯାଇଛି। ଏହା ଛଡା ଗାଁ କୁ ୭ ରୁ ୮ କିଲୋମିଟର ଲମ୍ବି ରହିଥିବା ଚଲାରାସ୍ତାରେ ମଧ ଅନେକ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଯାହାକୁ ପାର ହୋଇ ଯିବା ସମ୍ଭବ ନୁହେଁ। ଅଧିକ ବର୍ଷା ହେଲେ ପାହାଡ଼ି ନଦୀର ସ୍ରୋତ ପ୍ରଖର ହୁଏ। ନଦୀ ପାର ହୋଇ ଲୋକେ ଯାତାୟତ କରି ପାରନ୍ତି ନାହିଁ। ପାଣି କମିବା ଯାଏ ଏହି ଗ୍ରାମ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରୁହେ। ଖାଦ୍ୟ ସାମଗ୍ରୀ ମିଳେ ନାହିଁ। ରାସନ ସାମଗ୍ରୀ ଆଣିବାକୁ ହେଲେ ଗାଁରୁ ୧୮ କିଲୋମିଟର ଦୂର ଟିକାବାଲି ସହର ଉପରେ ଗ୍ରାମବାସୀଙ୍କୁ ନିର୍ଭର କରିବାକୁ ପଡେ। ଗର୍ଭବତୀ ମହିଳାମାନେ ମେଡିକାଲ ଯାଇ ନ ପାରି ଗ୍ରାମରେ ପ୍ରସବ କରିବାକୁ ବାଧ ହୁଅନ୍ତି। ଅନେକ ସମୟରେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ମଧ ଘଟିଥାଏ।

**ଧରିତ୍ରୀ ପ୍ରଭାବ**

# ୨୯ରୁ ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ



ବୈଠକରେ ସୂଚନା ଦିଆଯାଉଛି।

**ଛତ୍ରପୁର,୩।୧୨(ଡି.ଏନ.ଏ.)**

ଛତ୍ରପୁରଠାରେ ଆସନ୍ତା ୨୯ରୁ ୩୧ତାରିଖ ୩ ଦିନଧରି ମହିଳାମାନଙ୍କୁ ନେଇ ରାଜ୍ୟସ୍ତରୀୟ ଲେଡିଜ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ହେଉଥିବା ଏହି ଟୁର୍ନାମେଣ୍ଟ ଲାଗି ଛତ୍ରପୁର ଠାରେ ଏକ ପ୍ରସ୍ତୁତି ବୈଠକ ଟୁର୍ନାମେଣ୍ଟର ଆବାହକ ତଥା ପୂର୍ବତନ ବ୍ଲକ ଅଧକ୍ଷା ସୁଷମା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ସବଡିଭିଜନ କ୍ରୀଡା ସଂସଦର ସମ୍ପାଦକ ନବୀନ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ପ୍ରଦିଆ ଦାସ, କ୍ରୀଡାବିତ ପୂର୍ଣ୍ଣଚନ୍ଦ୍ର ବେହେରା, କାଳୁଚରଣ ତ୍ରିପାଠୀ, ଜିତେନ ମହାରଣା, ଶିକ୍ଷାବିତ୍ ଅଜିତ୍ କୁମାର ପଲାଇ, ସୋମନାଥ ସାହୁ, ଟି.ରବି ରାଓ, ଜି.ପ୍ରଦୀପଙ୍କ ସମେତ ବହୁ କ୍ରୀଡାବିତ୍ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ସୁନ୍ଦରଗଡ, କଟକ, ରାଉରକେଲା ଓ ଭୁବନେଶ୍ୱରର ୪ଟି ଦଳ ଭାଗ ନେବେ ବୋଲି ପୂର୍ବତନ ସରପଞ୍ଚ ପ୍ରଦିଆ ଦାସ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ, ପୋଲିସ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗରେ କିପରି ଠିକ ଭାବେ ଟୁର୍ନାମେଣ୍ଟ ପରିଚାଳନା ହେବ ସେଥି ନିମନ୍ତେ ବହୁ ଜଣ ମତାମତ ଦେଇଥିଲେ। ଶେଷରେ ପୂର୍ବତନ ବିଧାୟକ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ


ରାଇକିଆ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ।

ରାଇକିଆ/ଆର.ଉଦୟଗିରି,୩।୧୨(ଡି.ଏନ.ଏ)

ରାଇକିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସାଧନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ରାଲି କାର୍ଯ୍ୟକ୍ରମରେ ଏବିଇଓ ସିମାଦ୍ରି କହଁର ଓ ସାରଥୀ କହଁର ଯୋଗ ଦେଇ ଦିବସ ପାଳନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଇଓଙ୍କ କାର୍ଯ୍ୟଳୟ ପରିସରରେ ନୂତନ ଭାବେ ଗୋଷ୍ଠୀ ଅନ୍ତ ନିବେଶୀ ଶିକ୍ଷା ସମ୍ବଳ କେନ୍ଦ୍ରକୁ ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ ଉଦ୍‌ଘାଟନ କରିଥିଲେ। ୫୨ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକୀୟ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା।

ମୋହନା ସଦରଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ବଧିର ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆର.ଉଦୟଗିରି ପୋଲିସ ଉପଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ସଭାପତିତ୍ୱ କରିଥିଲେ ପରିଚାଳନା କମିଟିର ଉପସଭାପତି ଶରତ ଚନ୍ଦ୍ର ମଳିକ। ସମ୍ମାନିତ ଅତିଥି ଭାବେ ଉକ୍ତ ଉତ୍ସବରେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଏମ୍ପି ପ୍ରତିନିଧି ଆର.ଉଦୟଗିରି ତଥା ସାମାଜିକ କର୍ମୀ ଜଗବନ୍ଧୁ ଦାସ, ପରିଚାଳନା କମିଟି ସମ୍ପାଦକ ଦଣ୍ଡାସି ସାହୁ ଉପସ୍ଥିତ ଥିଲେ।

# ବ୍ଲକ ନିର୍ବାଚିତ ପ୍ରତିନିଧି ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ନିର୍ବାଚିତ ପ୍ରତିନିଧି ସଂଘର ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଙ୍କୋରଡା ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ କଇଠଖଣ୍ଡି ସରପଞ୍ଚ ତଥା ସଂଘ ସଭାପତି ମନୋରଞ୍ଜନ ଗୌଡ ସଭାପତିତ୍ୱ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଭତ୍ତା ପିଛା ୫ ପ୍ରତିଶତ ଅର୍ଥ ସ୍ଥାନୀୟ ସରପଞ୍ଚମାନଙ୍କୁ ହାତଗୁଞ୍ଜା ମାଗୁଥିବା ନେଇ ସବିଶେଷ ଆଲୋଚନା କରାଯିବା ସହ ଏନେଇ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ସଂଘର ଉପଦେଷ୍ଟା ତଥା ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ପଞ୍ଚାୟତ ନିର୍ବାଚନରେ ସାଧାରଣ ଜନତା ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ଆସ୍ଥା ପ୍ରକଟ କରି ନିର୍ବାଚିତ କରିଛନ୍ତି। ତେଣୁ ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ପ୍ରାଧାନ୍ୟ ଦେବା ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ପ୍ରଥମ କର୍ତ୍ତବ୍ୟ। ଅନ୍ୟପକ୍ଷରେ ବ୍ଲକ ଅନ୍ତର୍ଗତ ଯେକୌଣସି କାର୍ଯ୍ୟକ୍ରମରେ ସମିତି ସଭ୍ୟମାନଙ୍କୁ ସାମିଲ କରିବାକୁ ଅବଗତ କରାଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ତଥା ଏମ୍ . ନିରଞ୍ଜନ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସଂଘର ସମ୍ପାଦକ ସନ୍ତୋଷ କୁମାର ଦୋରା, ଶିଶିର ପ୍ରଧାନ, ସଂଘର ଉପଦେଷ୍ଟା ବି.କ୍ରିଷ୍ଣାରାଓ ସୁବୁଦ୍ଧି, ସରପଞ୍ଚ ବିଜୟ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ବି . ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଚିତ୍ରସେନ ଗୌଡ଼, ସୀମାଞ୍ଚଳ ଗୌଡ, ପ୍ରଦୀପ କୁମାର ସେଠୀ, ଏମ୍ .ସନ୍ତୋଷ କୁମାର ସମେତ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଆର.ଉଦୟଗିରି,୩।୧୨(ଡି.ଏନ୍.ଏ.)- ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁଙ୍କ ସହଯୋଗ ଏବଂ ଅନୁପ ସାମାଜିକ ସଂସ୍ଥା(ନୂଆଦିଲ୍ଲୀ) ଆନୁକୂଲ୍ୟରେ ଶୁକ୍ରବାର ଆର.ଉଦୟଗିରି ସହର କଲ୍ୟାଣ ମଣ୍ଡପଠାରେ ମାଗଣା ସ୍ୱାସ୍ଥ୍ୟା ଚିକିତ୍ସା ସହ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ନିବେଦିତା ପଣ୍ଡା, ସୁଧାଂଶୁ ଶେଖର ପଣ୍ଡା, ଚକ୍ଷୁ ସହାୟକ ଜେନା ବାବୁ, ଫାର୍ମାସିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ଏମ୍ପି ପ୍ରତିନିଧି ଜଗବନ୍ଧୁ ଦାସ, ବିଜେଡି ବ୍ଲକ ସଭାପତି ଭୀମରାମ ପାଇକ ଓ ଛାତ୍ର ସଭାପତି ଦିପକ ପାଣି ଉପସ୍ଥିତ ଥିଲେ।

### ଶିକ୍ଷକ ସଂଘର ଦାବିପତ୍ର

**ପାତ୍ରପୁର,୩।୧୨(ଡି.ଏନ୍.ଏ.)**

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ-କ୍ୟାଡର) ଡାକରାକ୍ରମେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ୮ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷକ ସଙ୍ଘ ସଭାପତି ରାମ ଗୋପାଳ ପାଢ଼ୀଙ୍କ ନେତୃତ୍ୱରେ ପଦଯାତ୍ରା କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ମିଳିତ ସଙ୍ଘ ସମ୍ପାଦକ ଶଶାଙ୍କ କୁମାର ପ୍ରଧାନ, ଏଲିମେଣ୍ଟେରୀ ଶିକ୍ଷକ ସଂଘ ସଭାପତି ଏମ.ରାମାରାଓ, ଜିଲାସ୍ତରୀୟ ଶିକ୍ଷକ ସଂଘ ନେତା ନିଶାମଣି ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଧାନ କରିଥିଲେ। ବେଣୁ ଗୋପାଳ ପାଢ଼ୀ, ପୀତବାସ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବ୍ଲକର ୬୦ଜଣ ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରି ସଂଘର ଭୁବନେଶ୍ୱର ରାଲି ସମ୍ପର୍କରେ ଆଲୋଚନା କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଛତ୍ରପୁର,୩।୧୨(ଡି.ଏନ.ଏ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାସଂଘର ଗୋଟିଏ ରାଲି ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ସଚେତନତା ସ୍ଲୋଗାନ ଦେଇ ଭିକାରି ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାମୀୟାପଲ୍ଲୀ ଗ୍ରାମ ପରିକ୍ରମା କରିଥିଲା। ଏହି ରାଲିକୁ ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ଡଃ. କେ. ଆନନ୍ଦ ରାଓ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସମର୍ଥ ଆବାସିକ ବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠ ଗୃହରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୨ ଉପଲକ୍ଷେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଭିନ୍ନକ୍ଷମ ଲୋକମାନେ ଯୋଗଦାନ କରିଥିଲେ। ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋପାଳପୁର ସ୍ଥିତ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀର ଅଧକ୍ଷା ତଥା ଇନେରଭୀଲ କ୍ଲବ ଅଫ ବ୍ରହ୍ମପୁର ବ୍ରାଇଟ୍ସର ସଭାନେତ୍ରୀ ସୀମା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାସଂଘର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ଭିନ୍ନକ୍ଷମମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଏ ତେବେ ସେମାନେ ମଧ ଭାରତର ଅର୍ଥନୀତିରେ ଅଂଶୀଦାର ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସରପଞ୍ଚ ମଥୁରା ସୁବୁଦ୍ଧି ଯୋଗଦେଇ ଭିନ୍ନକ୍ଷମତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମର୍ଥ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗିତ ପରିବେଷଣ କରିଥିଲେ। ଶେଷରେ ମହାସଂଘର ସାଧାରଣ ସମ୍ପାଦକ ଡଃ. ରାଓ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

# ମହିଳା କବାଡ଼ି ଟୁର୍ନାମେଣ୍ଟ, ବୁଗୁଡ଼ା ପିପୁଲ୍ସ କଲେଜ ଚାମ୍ପିୟନ

**ବୁଗୁଡ଼ା,୩।୧୨(ଡି.ଏନ୍.ଏ.)**



ଚାମ୍ପିୟନ ଟିମ୍ ଗହଣରେ ଅତିଥି।

ବାଲିପଦର ଆଞ୍ଚଳିକ ବିଜ୍ଞାନ ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ଆନ୍ତଃ-ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟରେ ୧୩ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ବୁଗୁଡା ପିପୁଲ୍ସ କଲେଜ ଓ ଦିଗପହଣ୍ଡି ଖେମୁଣ୍ଡି କଲେଜ ଦଳ ଫାଇନାଲକୁ ଯାଇଥିଲେ। ଫାଇନାଲ୍ ମ୍ୟାଚରେ ବୁଗୁଡ଼ା ଦଳ ୬୪-୧୩ ପଏଣ୍ଟରେ ଦିଗପହଣ୍ଡିକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ରେଫରୀ ଭାବେ କ୍ରୀଡା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର, ଏମ୍. ଶ୍ରୀନିବାସ ଦୋରା, ଶ୍ରୀକର ମାଝୀ, ହରିହର ବିଶ୍ୱାଳ ପ୍ରମୁଖ ନିୟୋଜିତ ଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ରବି ମିଶ୍ର ଓ କାମେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଟୁର୍ନାମେଣ୍ଟର ବିଜେତା ପିପୁଲ୍ସ କଲେଜ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ଖେମୁଣ୍ଡି କଲେଜ ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ଉକ୍ତ ଟୁର୍ନାମେଣ୍ଟର ସୁପରିଚାଳନାରେ କଲେଜର କ୍ରୀଡା ସଂସ୍ଥା ଉପସଭାପତି ଏ.ଜିତେସ୍ ରାଓ ଦୋରା, କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଗୌଡ଼, ଟିମ୍ ମ୍ୟାନେଜର ମିନତି ଆଚାରୀ ଓ କର୍ମଚାରୀ ନବଘନ ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ଗଞ୍ଜାମ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦିଗହରା

# ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ, ବଢୁଛି ଅସନ୍ତୋଷ



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଫଳକ।

**ଗଞ୍ଜାମ,୩।୧୨(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦିଗହରା। ଏହି ବ୍ଲକ ଅନ୍ତର୍ଗତ କୁଶପଲିଠାରୁ ସନ୍ତୋଷପୁର ଭାୟା ମଲାଡ଼ ଓ ବରୋଦା ଦେଇ ହେଉଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟିଛି। ଫଳରେ ଦିନକୁଦିନ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨ କୋଟି ୩୪ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ୪ କିମି ରାସ୍ତା ନିର୍ମାଣ କାର୍ଯ୍ୟ ୯ ସେପ୍ଟେମ୍ବର ୨୦୨୧ରୁ ଆରମ୍ଭ ହୋଇ ୬ ଜୁନ ୨୦୨୨ରେ ଶେଷ ହେବା ଲାଗି ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ଅବଧି ସରିବାର ପାଞ୍ଚ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏ ନେଇ ତିନି ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି। ଏ ସମ୍ପର୍କରେ ବିଡିଓ ଜସ୍ମିନ ପ୍ରଧାନଙ୍କୁ ପଚାରିବାରୁ କ'ଣ ହୋଇଛି ଉକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରଘୁନାଥ ମଠରେ ସନ୍ଥ ସମ୍ମିଳନୀ

ଶେରଗଡ଼,୩।୧୨(ଡି.ଏନ.ଏ.)- ଶେରଗଡ଼ ବ୍ଲକ ଡେଙ୍ଗାପଦର ଗ୍ରାମରେ ଥିବା ରଘୁନାଥ ମଠରେ ସନ୍ଥ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର କୋଣ ଅନୁକୋଣରେ ଥିବା ମଠରୁ ମହନ୍ତ ଓ ସନ୍ଥ ୪୦ ଯୋଗ ଦେଇଥିଲେ। ସକାଳ ସୁନ୍ଦରକାଣ୍ଡ ପାଠ ସହ ବ୍ୟାପକ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାକ୍ତନ ମହନ୍ତ ରାମକିଶୋର ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ମହନ୍ତମାନଙ୍କ ସମ୍ମିଳନୀ କରି ସେମାନଙ୍କୁ ଉତରିୟ ଦେଇ ସମ୍ମାନିତ କରିଥିଲେ ମହନ୍ତ ପରମାନନ୍ଦ ଦାସ ଗୋସାମୀ। ଏହାପରେ ମଠ ପକ୍ଷରୁ ଆଖପାଖ ଶତାଧିକ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ। ସନ୍ଥମାନେ ରଘୁନାଥଙ୍କୁ ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ କରିବା ସହ ସାଧୁବାଣୀ ପ୍ରଦାନ କରିଥିଲେ।

### ଗଣିତ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

ଚିକିଟି,୩।୧୨(ଡି.ଏନ୍.ଏ.): ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ଗଣିତ ବିଭାଗ ତରଫରୁ ସ୍ନାତକ ସମ୍ମାନ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ପ୍ରଦାନ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ରସାୟନ ବିଭାଗ ମୁଖ୍ୟ ଡ. ପ୍ରଭାତ କୁମାର ବେହେରା ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ବକ୍ସି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଭାଗର ସୁନାମକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁନିଲ କୁମାର ପାଢ଼ୀ ଓ ଅଧ୍ୟାପିକା ଡ. ପଦ୍ମିନୀ ରାଉଳ ମଞ୍ଚାସୀନ ଥିଲେ। ଛାତ୍ର ଲିଙ୍କନ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶ୍ୱେତାଲିନ୍ ପଣ୍ଡା, ସିପାଲି ଦାସ, ମି. ଶଙ୍କର ପ୍ରମୁଖ ବିଦ୍ୟାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପାରମ୍ପରିକ ରୀତିରେ ଦ୍ୱିତୀୟ ଓ ଶେଷବର୍ଷ ସ୍ନାତକ ସମ୍ମାନ ବିଦ୍ୟାର୍ଥୀ ପ୍ରଥମ ବର୍ଷର ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଯୁଗ୍ମ ସମ୍ପାଦକ ମୁକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଚିକା, ସହାୟିକ ସଂଘର ଦାବିପତ୍ର ପ୍ରଦାନ

ଛତ୍ରପୁର,୩।୧୨(ଡି.ଏନ୍.ଏ.): ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା, ସହାୟିକା ସଂଘ ଛତ୍ରପୁର ବ୍ଲକ ଶାଖା ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ଜରିଆରରେ ପ୍ରଦାନ କରିଛନ୍ତି। ପାଚିକା, ସହାୟିକାଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ମିଳିବା ବ୍ୟବସ୍ଥା କରିବା, କାର୍ଯ୍ୟରତ ସମୟରେ ଦୁର୍ଘଟଣା ଘଟିଲେ କ୍ଷତିପୂରଣ ଦେବା, ବର୍ଷକୁ ୧୦ମାସ ବଦଳରେ ୧୨ମାସର ଭତ୍ତା, ସାମାଜିକ ସୁରକ୍ଷା ପ୍ରଦାନ ଓ ପରିଚୟ ପତ୍ର ପ୍ରଦାନ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ପ୍ରଥମେ ସ୍ଥାନୀୟ ଅପରବସଷ୍ଟାଣ୍ଡ ଠାରୁ ସଂଘର ଶତାଧିକ ସଦସ୍ୟା ଏଆଇଟିୟୁସି ପତାକା ଧରି ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରି ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କ ଅଧିକାର ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲାସଭାପତି ରାଜେନ୍ଦ୍ର ଦାଶ, ଏଆଇଟିୟୁସି ନେତା ଦୁର୍ଯ୍ୟୋଧନ ନାହାକ, ଛତ୍ରପୁର ବ୍ଲକ ସଭାନେତ୍ରୀ ଗୀତାଞ୍ଜଳି ତରାଇ, ସମ୍ପାଦିକା ବାସନ୍ତୀ ପଣ୍ଡା, କୋଷାଧ୍ୟକ୍ଷ ନିଳାଦ୍ରୀ ରାଉଳଙ୍କ ସମେତ ଶହ ଶହ ପାଚିକା ଓ ସହାୟିକା ଉପସ୍ଥିତ ଥିଲେ।

### ଗଣେଶ, ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା

ଆର.ଉଦୟଗିରି,୩।୧୨(ଡି.ଏନ.ଏ.)- ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଶୁକ୍ରବାର ଶ୍ରୀ ଗଣେଷ ଓ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଖୁବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସକାଳ ୭ରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୬ଟା ଯାଏ ଚାଲିଥିଲା। ଉକ୍ତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଉପସ୍ଥିତ ଥିଲେ। ବ୍ରହ୍ମପୁରରୁ ଆସିଥିବା ନନ୍ଦ ଓ ତାଙ୍କ ସହଯୋଗୀ ମିଶ୍ର ମିଶି ଠାକୁରଙ୍କ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି ଉତ୍ସବରେ ସାମିଲ ହୋଇଥିଲେ। ପୂଜା ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। କର୍ତ୍ତା ହିସାବରେ ବିଦ୍ୟାଳୟର ସମ୍ପାଦକ ଦଣ୍ଡାସୀ ସାହୁ ଉପସ୍ଥିତ ରହି ଥିଲେ। ପରିଚାଳନା କମିଟି ସଦସ୍ୟ ରବି ସାମନ୍ତରା, କୋଷାଧକ୍ଷ ସୁରେନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ତଦନ୍ତ ପାଇଁ ଅତିରିକ୍ତ ଏସପିଙ୍କୁ ଦାୟିତ୍ୱ

- ବ୍ୟବସାୟୀଙ୍କୁ ଥାନାଧିକାରୀ ମାଡ ମାରିବା ଘଟଣା
- ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ-ଏସପି

ଗୋପାଳପୁର, ୩।୧୨(ଡିଏନଏ)

କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ଯୁବ ବ୍ୟବସାୟୀଙ୍କୁ ତତ୍କାଳୀନ ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପିଟିବା ଘଟଣାରେ ବ୍ରହ୍ମପୁର ଏସ୍‌ପି ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଇକିଆର ସୁମନ କୁମାର ସାହୁଙ୍କ ଏକ କପଡା ଦୋକାନ ବଜାରରେ ଅଛି। ସେ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର ମହିଳା ସ୍ମୃତିରେଖା ସାହୁଙ୍କ ନିକଟରୁ ପାଖାପାଖି ୪ ଲକ୍ଷ ଟଙ୍କା ଉଧାର ନେଇଥିଲେ। ସମୟ କ୍ରମେ ସୁଧ ସହ ମୂଳ ଟଙ୍କା ଅନ୍‌ଲାଇନ ଜରିଆରେ ସେ ଫେରାଇ ଦେଇଥିଲେ। ହେଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା କପିକୁ ସୁମନ ନେଇ ନ ଥିଲେ। ଏହାର ସୁଯୋଗ ନେଇ ସ୍ମୃତିରେଖା ପୁଣି ସୁମନଙ୍କୁ ଟଙ୍କା ଶୁଝିବା ଲାଗି ଚାପ ପକାଇ ଆସୁଥିଲେ। କୌଣସି ଟଙ୍କା ମୋତେ ଦେଇନ କହି ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ। ପରେ ସୁମନ ନେଇଥିବା ଟଙ୍କା ଫେରସ୍ତ କରି ନ ଥିବା ନେଇ ସ୍ମୃତିରେଖା ଗୋପାଳପୁର ଥାନାରେ ଗତ ୨୭ ତାରିଖରେ ଅଭିଯୋଗ କରିଥିଲେ। ଗତ ୨୮ ତାରିଖ ରାତିରେ ଏକ ଘରୋଇ ଗାଡିରେ ଗୋପାଳପୁର ପୋଲିସ ରାଇକିଆ ଆସି ସୁମନ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା କୁମାରୀ ଚନ୍ଦନଙ୍କୁ ଘରୁ ଉଠାଇ ନେଇଥିଲା। ସେଠାରେ ସୁମନଙ୍କୁ ଥାନାଧିକାରୀ ଖମାରୀ ଟଙ୍କା ଫେରାଅ କହି ନିସ୍ତୁକ ପିଟି ପରେ ଛାଡ଼ିଥିଲେ। ଏ ନେଇ ସୁମନ ରାଇକିଆ ଥାନାରେ ଅଭିଯୋଗ କରିଥିଲେ। ସୁମନଙ୍କ ଏତଲା କ୍ରମେ ତତ୍‌କାଳୀନ ଥାନାଧିକାରୀ ଖମାରୀ ଓ ସମ୍ପୃକ୍ତ ମହିଳାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା।

ବ୍ରହ୍ମପୁର ଏସପିଙ୍କୁ ମାମଲା ସମ୍ପର୍କରେ ପଚାରିବାରୁ ଶୁକ୍ରବାର ଥାନାଧିକାରୀଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ସୁନାପୁର ମେରାଇନ ଥାନାଧିକାରୀ ସାରଦା ପ୍ରସନ ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ଡା.ଶର୍ବଣା ବିବେକ ଏମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାର ନିରପେକ୍ଷ ତଦନ୍ତ କରାଯିବ। ପ୍ରଥମ କରି ଥାନାଧିକାରୀଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଅତିରିକ୍ତ ଏସପିଙ୍କୁ ୪ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ସୁମନଙ୍କ ପକ୍ଷରୁ ଜାତୀୟ ମାନବାଧିକାରୀ କମିଶନ ଓ ପୋଲିସ ଡିଜିଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି।

## ସରପଞ୍ଚ ସଂଘ କର୍ମକର୍ତ୍ତା ଚୟନ



ନିର୍ବାଚିତ ପ୍ରତିନିଧିମାନେ।

ଫୁଲବାଣୀ ଅଫିସ, ୩।୧୨

ଫୁଲବାଣୀ କୁଇ ସମାଜ ସେବା ସମିତି ଗୃହରେ ଶନିବାର ଜିଲାର ସରପଞ୍ଚମାନଙ୍କୁ ନେଇ ଏକ ବୈଠକରେ କର୍ମକର୍ତ୍ତା ଚୟନ ହୋଇଛନ୍ତି। ସଭାପତି ଭାବେ ସୁଦର୍ଶନ କହଁର, ଉପ ସଭାପତି ଜାନକୀ ପ୍ରଧାନ, ସମ୍ପାଦକ ସୟ ନାୟକ, ଯୁଗ୍ମ ସମ୍ପାଦକ ଲାଲମୋହନ କହଁର, କୋଷାଧକ୍ଷ ଭାବେ ରୋହିତ କହଁରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏହାପରେ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା ।। ସରପଞ୍ଚମାନେ ଦୈନିକ ୧୦ ଘଣ୍ଟା କାମ କରଥିବା ବେଳେ ସରକାର ଅଣ ଦେଖା କରି ଆସୁଛନ୍ତି। ସମସ୍ତ ଦାବି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ଲାଗି ନିଷ୍ପତି ଗ୍ରହଣ କରା ଯାଇଥିଲା।

# ବିପର୍ଯ୍ୟୟ ପ୍ରଶମନ ତାଲିମ

ଜି.ଉଦୟଗିରି,୩।୧୨(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସ୍ଥାନୀୟ ସମନ୍ୱିତ ସଭାଗୃହଠାରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କନ୍ଧମାଳଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଭୁବନେଶ୍ୱରଙ୍କ ପ୍ରୟୋଜନରେ ଚଳିତ ମାସ ୨ ରୁ ୧୩ ତାରିଖ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଜିଲାସ୍ତରୀୟ ଆପଦ ମିତ୍ର ପ୍ରଶମନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଆପାତଃ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ମୁଖ୍ୟ କୋଡିନେଟର ସୋରଜ୍ କୁମାର୍ ଦାସ ପରିଚାଳନା କରିଥିଲେ। ଜିଲା ଆପାତଃ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସମେତ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ୪୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ କହଁର, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରତିକାନ୍ତ ସାହୁ ମଞ୍ଚାସୀନ ରହିଥିଲେ। ଏହି ତାଲିମ ଶିବିରରେ କନ୍ଧମାଳ ଜିଲା କୋଟଗଡ, ଜି.ଉଦୟଗିରି, ଚକାପାଦ, ଦାରିଙ୍ଗବାଡି, କ. ନୂଆଗାଁ ବ୍ଲକର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

## ଭୋଟର ତାଲିକା ଉପରେ ସର୍ବଦଳୀୟ ବୈଠକ

ଭଞ୍ଜନଗର,୩।୧୨(ଡି.ଏନ.ଏ)

ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଶୁକ୍ରବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧକ୍ଷତା କରି ତାଲିକାରେ କିଭଳି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ସଂଯୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ । ରାଜନୈତିକ ଦଳର ସହଯୋଗ ରହିଲେ ଏହା ଶତପ୍ରତିଶତ ସଫଳ ହୋଇପାରିବ। ତେଣୁ ଏଥିପ୍ରତି ସମସ୍ତ ଦଳ ଦୃଷ୍ଟି ଦେବାପାଇଁ ଉପସ୍ଥିତ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବିଜେଡି ଭଞ୍ଜନଗର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପୂର୍ବତନ ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ସନ୍ତୋଷ ନାୟକ, ଯୁବ କଂଗ୍ରେସ ନେତା ଗିରିଜା ଶଙ୍କର ଭୂୟାଁ, ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ଭାଜପା ଘୁମୁସର ଜିଲା ସାଙ୍ଗଠନିକ ଉପସଭାପତି ସନ୍ତୋଷ ତିଆଡ଼ି, ବାମପନ୍ଥୀ ନେତା ଅଭିମନ୍ୟୁ ଗୌଡ଼ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ୧୫ ଫୁଟିଆ ଅହିରାଜ ଉଦ୍ଧାର

ବୁଗୁଡା,୩।୧୨(ଡି.ଏନ.ଏ.)



ବୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଆନଳା ଗ୍ରାମର ଜନବସତି ନିକଟସ୍ଥ ବିଲମାଳରୁ ଏକ ୧୫ ଫୁଟିଆ ଅହିରାଜ ସାପକୁ ଶନିବାର ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ନରେ କୁଆନଳା ଗାଁର ବିଲମାଳରେ ଲୋକେ ଧାନ କାଟୁଥିବା ବେଳେ ବିରାଟକାୟ ଅହିରାଜ ସାପଟିଏ ଦେଖିଥିଲେ। ସେମାନେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ସ୍ନେକ୍ କ୍ୟାଚର୍ ହରିଶ୍ ପାଢୀଙ୍କୁ ଡକାଇଥିଲେ। ହରିଶ ଘଟଣାସ୍ଥଳରେ ପହଞ୍ଚି କୌଶଳରେ ସାପଟିକୁ ଧରିନେଇ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## କେଜିବିଭି କର୍ମଚାରୀ ସଂଘର ବିକ୍ଷୋଭ




କେଜିବିଭିର କର୍ମଚାରୀମାନେ ।

ଫୁଲବାଣୀ ଅଫିସ, ୩।୧୨

କନ୍ଧମାଳ ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସଙ୍ଗଠନର ସଭାନେତ୍ରୀ ବୈଜୟନ୍ତୀମାଳା ମହାପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ । ସରକାର ବାଳିକା ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପାଠ ଛାଡି ଥିବା ଶତାଧିକ ଆଦିବାସୀ ବାଳିକା ମାନଙ୍କୁ ଶିକ୍ଷିତ କରାଯାଉଛି । ହଷ୍ଟେଲରେ ରଖି ଦିନରାତି ସେମାନଙ୍କ ସେବା ଓ ସୁରକ୍ଷା ଦାୟିତ୍ୱ କର୍ମଚାରୀମାନେ ତୁଲାଉଛନ୍ତି। ହେଲେ ସରକାର ଏହି କର୍ମଚାରୀମାନଙ୍କୁ ସ୍ଥାୟୀ କରୁ ନାହାନ୍ତି ବୋଲି ସଭାନେତ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ଠିକାଭିତ୍ତିରେ କାମ କରୁଥିବା କେଜିବିଭି କର୍ମଚାରୀଙ୍କ ଦରମା ସହ ଇନକ୍ରିମେଣ୍ଟ ବୃଦ୍ଧି, ଘର ଭଡା, ସରକାରୀ କର୍ମଚାରୀଙ୍କୁ ମିଳୁଥିବା ବିଭିନ୍ନ ଭତ୍ତା ପ୍ରଦାନ କରିବା ଆଦି ଦାବି ସଂଘର ଦାବି ରହିଛି। ସଂଘ ସମ୍ପାଦିକା ଗୀତାରାଣୀ ପ୍ରଧାନ, କୋଷାଧକ୍ଷ ପ୍ରିୟମ୍ବଦା ବିଶୋଇ, ସଂଗୀତା କର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।

# ପୋଲସରା ମାଧ୍ୟମିକ ଶିକ୍ଷକଙ୍କ ସାଙ୍ଗଠନିକ ବୈଠକ

ପୋଲସରା,୩।୧୨(ଡି.ଏନ.ଏ.)

ପୋଲସରା ଏନ୍‌ଏସି ରାଣୀପଡା ସ୍ଥିତ ବାଲୁଙ୍କେଶ୍ୱର ହାଇସ୍କୁଲରେ ଶନିବାର ପୋଲସରା ବ୍ଲକର ନୂତନ ଅନୁଦାନ ପ୍ରାପ୍ତ ୧୨ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସର୍ବ ସହମତି କ୍ରମେ ସଭାପତି ଭାବେ ରଞ୍ଜନ କୁମାର ସାହୁ, ଉପସଭାପତି ଭାବେ ଅଶୋକ କୁମାର ପାଣିଗ୍ରାହୀ, ସମ୍ପାଦକ ସରୋଜ କୁମାର ବିଷୋୟୀ, ଯୁଗ୍ମ ସମ୍ପାଦକ ରବିନାରାୟଣ ମିଶ୍ର, କୋଷାଧ୍ୟକ୍ଷ ସଚିଦାନନ୍ଦ ଦାସଙ୍କୁ ନୂତନ ସମସ୍ୟା ଭାବେ ମନୋନୀତ କରାଯାଇଥିଲା। ପରେ ଶିକ୍ଷକ କର୍ମଚାରୀଙ୍କ ସମସ୍ତ ଦାବିକୁ ରାଜ୍ୟ ନେତୃ ମଣ୍ଡଳୀ ସଂଘର ଉପଦେଷ୍ଟା ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନିକଟରେ ଆଲୋଚନା କରି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ମୋହନାରେ ବିଶ୍ୱ ଭିନ୍ନକ୍ଷମ ଦିବସ

ଆର.ଉଦୟଗିରି,୩।୧୨(ଡି.ଏନ୍.ଏ.)- ମୋହନା ସଦରଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ବଧିର ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆର.ଉଦୟଗିରି ପୋଲିସ ଉପଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ସଭାପତିତ୍ୱ କରିଥିଲେ ପରିଚାଳନା କମିଟିର ଉପସଭାପତି ଶରତ ଚନ୍ଦ୍ର ମଳିକ। ସମ୍ମାନିତ ଅତିଥି ଭାବେ ଉକ୍ତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଏମ୍‌ପି ପ୍ରତିନିଧି ଆର.ଉଦୟଗିରି ତଥା ସାମାଜିକ କର୍ମୀ ଜଗବନ୍ଧୁ ଦାସ, ପରିଚାଳନା କମିଟି ସମ୍ପାଦକ ଦଣ୍ଡାସି ସାହୁ, ଅବସରପ୍ରାପ୍ତ ସେନା ଅଧିକାରୀ ଟେରିଜିଙ୍ଗ ଗ୍ୟାଲୋପ, ସାମାଜିକ କର୍ମୀ ରବି ରତନ, ଡ୍ରାଇଭର ସଂଘ କୋଅର୍ଡିନେଟର ଦୁଃଖୀଶ୍ୟାମ ପାତ୍ର, ରବୀନ୍ଦ୍ର କୁମାର ସାମନ୍ତରାୟ, ମାର୍ସଲ ନାୟକ, ମଧୁସୂଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁବୈଶ୍ୟ ସମାଜ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ

କବିସୂର୍ଯ୍ୟନଗର,୩।୧୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ମଧୁବୈଶ୍ୟ ସମାଜ ପକ୍ଷରୁ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଲାଗି ଅଗ୍ରପୂଜ୍ୟ ଗଣେଶ ରଥର ନଗର ପରିକ୍ରମା ଉତ୍ସବ ସମ୍ପାଦିତ ହୋଇଛି। ଜିଲାର ତାରାତାରିଣୀ ପୀଠ ଠାରେ ମଧୁବୈଶ୍ୟ ସମାଜର କୁଳଗୃହ ଆଗାମୀ ୯ତାରିଖରେ ପ୍ରତିଷ୍ଠା କରାଯିବ। ଏହି ଉଦ୍ଦେଶ୍ୟରେ ଏକ ସୁସଜ୍ଜିତ ଗଣେଶ ରଥକୁ ବନ୍ଦାପନା କରି ସହର ପରିକ୍ରମା କରାଯାଇଛି। ଏହି ରଥ ବନଦେବୀ ମନ୍ଦିରରୁ ବାହାରି ନଗର ପରିକ୍ରମା କରି କୋଠଘରଠାରେ ପହଞ୍ଚିଥିଲା। ଜିଲାର ୩୦ ତାଲୁକା ସମସ୍ତ ତୈଳିକ ସମାଜ ଏଥିରେ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୯ରୁ ୧୧ ପର୍ଯ୍ୟନ୍ତ ତାରାତାରିଣୀ ପୀଠରେ ଅନୁଷ୍ଠିତ ହେବ। କବିସୂର୍ଯ୍ୟନଗର ମଧୁବେଶ୍ୟ ସମାଜ ସଭାପତି ଗୋଦାବରୀ ସାହୁ, ଉପସଭାପତି ସାଧୁଚରଣ ସାହୁ, ବିଶ୍ୱନାଥ ସାହୁ, ଗୌରୀଶଙ୍କର ଶାସମଲ, ହୀନ ସାହୁ, ରାମନାଥ ସାହୁ ଓ ମନୋଜ ସାହୁ ଆଦି ଯୋଗ ଦେଇଥିଲେ।

## କୁଇନ ମିଶନ ହାଇସ୍କୁଲରେ କ୍ୟାରିୟର କାଉନସେଲିଂ

ବ୍ରହ୍ମପୁର ଅଫିସ,୩।୧୨

କୁଇନ ମିଶନ ହାଇସ୍କୁଲରେ ଶୁକ୍ରବାର ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଏମ.ଅକ୍ଷୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ୟାରିୟର କାଉନସେଲିଂ ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ୟୁନିସେଫ ଅଧିକାରୀ ସୂର୍ଯ୍ୟ ଦାସ ଉପସ୍ଥିତ ରହି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କ୍ୟାରିୟର ସମ୍ପର୍କରେ ବହୁ ଆବଶ୍ୟକୀୟ ତଥ୍ୟ ଜଣାଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଅଗ୍ନିବୀର ଯୋଜନାରେ କିପରି ଭାରତୀୟ ସେନାରେ ଭର୍ତ୍ତି ହୋଇ ଭଲ କ୍ୟାରିୟର ଗଢ଼ି ହେବ ସେ ସମ୍ପର୍କରେ ମଧ୍ୟ ବୁଝାଇଥିଲେ। ଏହି ଅବସରରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ମହିଳାଙ୍କ ସମେତ ୩ ଅଭିଯୁକ୍ତ ଜେଲ ଗଲେ




ଦିଗପହଣ୍ଡି,୩।୧୨(ଡି.ଏନ.ଏ.)

## ଗଞ୍ଜେଇ ବୋଝେଇ କାର ଜବତ

ଗଞ୍ଜାମ ଜିଲା ପାଟପୁର ପୋଲିସ ଶନିବାର ସକାଳୁ ଏକ ଗଞ୍ଜେଇ ବୋଝେଇ କାର (ନଂ. ଓଆର ୦୨ ବି ଏକ୍ସ୮୦୦୦)କୁ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ସମୁଦାୟ ୩ ଜଣଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଦୌରା ଜଜ୍ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା କଂସାମାରୀ ଗ୍ରାମର ଦଳବେହେରା ସୁରେନ୍ଦ୍ର ଦୋରା, ଦିଗପହଣ୍ଡି ତିଳୋତ୍ତମା ନଗରର ଦଳବେହେରା ସବିତା ଦୋରା ଏବଂ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର ପପୁ ସେଠୀ। ଥାନା ମାମଲା ନଂ.୪୩୪/୨୨ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ପାଟପୁର ପୋଲିସ ରାତ୍ରି ପାଟ୍ରୋଲିଂ ସାରି ଥାନାକୁ ଫେରୁଥିବା ବେଳେ ପଳାସପୁର-ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତା ନୂଆଗଡ଼ ଛକ ନିକଟ ଭାଗବତ ବଟ ନିକଟରେ ଦ୍ରୁତଗତିରେ ଯାଉଥିବା ଏକ କାରକୁ ସନ୍ଦେହରେ ଅଟକାଇ ତଲାସ କରିବାରୁ ସେଥିରେ ୫ ଗଞ୍ଜେଇ ବସ୍ତା ରହିଥିଲା। ଜବତ ଗଞ୍ଜେଇକୁ ସାନଖେମୁଣ୍ଡି ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଓଜନ କରିବାରୁ ସେଥିରେ ୨୪୩ କେଜି ଗଞ୍ଜେଇ ଥିବା ଜଣାପଡିଥିବା ପାଟପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସଡ଼ିପିଓ ଉମା ଶଙ୍କର ସିଂ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ପରିବା ଚାଷ

ରାଇକିଆ,୩।୧୨(ଡି.ଏନ.ଏ)

ସକାଳୁ ତାଜା ପନିପରିବା ସହ ରାସ୍ତା ପାର୍ଶ୍ୱରେ ମହିଳାଙ୍କ ପନିପରିବା ବ୍ୟବସାୟର ଲମ୍ବା ଧାଡ଼ି । ଫୁଲ କୋବି, ବିନ୍ସ, ବନ୍ଧା କୋବିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାଗ ବିକ୍ରି କରୁଛନ୍ତି ମହିଳା । ସତେଜ ପନିପରିବା ପାଇଁ ଗ୍ରାହକଙ୍କ ମଧ୍ୟ ଭିଡ ଜମୁଛି । ପୂର୍ବରୁ ନିଜ ଜମିରେ ଚାଷ କରୁଥିବା ପନିପରିବାକୁ ବାହାର ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଏବେ କିନ୍ତୁ ନିଜେ ବଜାରକୁ ପନିପରିବା ଆଣି ବିକ୍ରି କରି ଉଚିତ୍ ଦର ପାଉଛନ୍ତି । ଏଥିରୁ ସ୍ୱାବଲମ୍ବୀ ମଧ୍ୟ ହେଉଛନ୍ତି। ଏ ନେଇ ମହିଳା ଚାଷୀ ରୁନିମା ପ୍ରଧାନ କୁହନ୍ତି, ପୂର୍ବରୁ ଆମେ ବ୍ୟବସାୟୀଙ୍କୁ ସିଧାସଳଖ ବିକ୍ରି କରୁଥିଲୁ। ଏବେ କିନ୍ତୁ ବଜାରକୁ ଆସି ନିଜେ ବିକ୍ରି କରୁଛୁ । ଲକ ଡାଉନ ସମୟରେ ଉତ୍ପାଦିତ ପନିପରିବା ଗାଁରେ ରହି ବିକ୍ରି କରିବା ସମ୍ଭବ ପର ହେଲା ନାହିଁ । ଅଭାବି ବିକ୍ରିର ଶିକାର ହେଲୁ। ସେବେଠାରୁ ବଜାରକୁ ଆସି ସିଧା ସଳଖ ପନିପରିବା ବିକ୍ରି କରିଲୁ। ଏହି ଧାରା ଆଜି ପର୍ଯ୍ୟନ୍ତ ଚାଲିଛି। ବର୍ଷ ତମାମ କମ ହେଲେ ମଧ୍ୟ ବିଭିନ୍ନ ପ୍ରକାରର ପରିବା ଚାଷ କରିଥାଉ। ଏପରିକି ଗାଁରୁ ଅନ୍ୟମାନଙ୍କଠାରୁ ମଧ୍ୟ କିଛି କିଛି ପରିବା ଆଣି ବଜାରରେ ବିକ୍ରି କରିଥାଉ। ସଲାଙ୍ଗିଆ ଅଞ୍ଚଳରୁ ଆସୁଥିବା ରଜନୀ ନାୟକ କୁହନ୍ତି ନିତିଦିନିଆ ରୋଜଗାର ଦେଉଛି ପନିପରିବା। ଚଳିତ ବର୍ଷ ଲଘୁଚାପ ବର୍ଷା ଯୋଗୁ ବିନସ ଚାଷରେ ବ୍ୟାପକ କ୍ଷତି ହୋଇଥିଲା। ଏହି ସମୟରେ ଅନ୍ୟ ପରିବା ବିକ୍ରି କରି ପରିବାର ଚାଲିଥିଲା। ଏବେ କିନ୍ତୁ ବନ୍ଧା କୋବି, ମଟର ଭଲ ଚାଷ ହୋଇଛି। ସେଥିରୁ ଭଲ ଦୁଇ ପଇସା ରୋଜଗାର ହେଉଛି।



ମହିଳାମାନେ ପରିବା ବିକ୍ରି କରୁଛନ୍ତି।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ

ଜି.ଉଦୟଗିରି,୩।୧୨(ଡି.ଏନ୍.ଏ.)- ଜି.ଉଦୟଗିରିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟିର ସାଧାରଣ ବୈଠକ ସଭାପତି ରାଜେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସମୀର କୁମାର ପାଢ଼ୀ ବାର୍ଷିକୀ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଏସ୍. ଅଶୋକ କୁମାର ପାତ୍ର ଆୟବ୍ୟୟ ପଠନ କରିଥିଲେ। କମିଟିର କାର୍ଯ୍ୟକାଳ ତିନି ବର୍ଷ ପୂର୍ତ୍ତି ହୋଇଥିବାରୁ ବୈଠକରେ ଆଲୋଚନା କରାଯିବା ପରେ ସଭାପତି କମିଟି ଭଙ୍ଗ କରିଥିଲେ। ଆସନ୍ତା ତିନି ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ନୂତନ ପରିଚାଳନା କମିଟିକୁ ସଭାପତି ଭାବେ ବିନୋଦ ବିହାରୀ ଦାସ, ଉପ-ସଭାପତି ଭାବେ ମନୋରଞ୍ଜନ ପତି, ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ସହସମ୍ପାଦକ ଏସ୍. ସୌମ୍ୟ ରଞ୍ଜନ ପୃଷ୍ଟି, କୋଷାଧକ୍ଷ ଭାବେ ଏସ୍. ଅଶୋକ କୁମାର ପାତ୍ର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଟି. ଅଶ୍ୱିନୀ କୁମାର ପାତ୍ର, ସଞ୍ଜୟ କୁମାର ଆଚାର୍ଯ୍ୟ, ସୀମାଞ୍ଚଳ ଦାସ, ଚତୁର୍ଭୁଜ ସାହୁ, ରାମେଶ୍ୱର ସାହୁ ମନୋନୀତ ହୋଇଛନ୍ତି।

## ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ

ପାରଳାଖେମୁଣ୍ଡି,୩।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିର ମୁଖ୍ୟ ରାସ୍ତା କାମ କାଗଜ ପତ୍ରରେ ସରିଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ରାସ୍ତା କାମରେ ବ୍ୟାପକ ଦୁର୍ନୀତି ତଥା ନିମ୍ନ ମାନର କାର୍ଯ୍ୟ ଯୋଗୁ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ମରାମତିର ଆବଶ୍ୟକତା ପଡୁଛି। ସହରକୁ ମୁଖ୍ୟ ପ୍ରବେଶ ରାସ୍ତା ଫୋରେଷ୍ଟ ଗେଟରୁ-ପୋଲିସ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା କାମ ନିକଟ ସରିଥିବାବେଳେ ବର୍ତ୍ତମାନ ରାସ୍ତାରୁ ପିଚୁ ବାହାରି ଯାଇ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଛି। ଯାହା ଏହି ସମ୍ପୂର୍ଣ୍ଣ ରାସ୍ତାଟିକୁ ଦୁର୍ଘଟଣା ପ୍ରବଣ କରାଉଛି। ଅପରପକ୍ଷେରେ ବସଷ୍ଟାଣ୍ଡ ଠାରୁ ରାଣୀପେଣ୍ଠା ପର୍ଯ୍ୟନ୍ତ ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ରହିଛି। ପୁଣି ଅନେକ ଦିନରୁ ଖରାପ ଥିବା ତଳ ରାସ୍ତା ଯାହା ପୁରୁଣା ଫାୟାର ଷ୍ଟେଶନରୁ ଦୋଳବନ୍ଧ ଓ ରାଜନହର ସମ୍ମୁଖ ଦେଇ ବସଷ୍ଟାଣ୍ଡ ନିକଟକୁ ଯାଉଛି ସେହି ରାସ୍ତା ସ୍ଥାନେ ସ୍ଥାନେ ମରମତି ଅବଶ୍ୟକ କରୁଥିବା ବେଳେ ପୂର୍ତ୍ତ ବିଭାଗ ନିରବ ଦ୍ରଷ୍ଟା ସଜିଛି।

ଏ ନେଇ ଶନିବାର ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ପାରଳାଖେମୁଣ୍ଡି ପୂର୍ତ୍ତବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ସହର ରାସ୍ତାର ଉନ୍ନତି କରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଆଉ ମାସେ ପରେ ଗଜପତି ଉତ୍ସବ ପାଇଁ ତାରିଖ ଧାର୍ଯ୍ୟ ସରିଥିବା ବେଳେ ରାସ୍ତା କାମ ତୁରନ୍ତ ନ ସାରିଲେ ସ୍ୱଚ୍ଛାସେବୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନି ଦେଇଛନ୍ତି। ପ୍ରତିକ୍ରିୟାରେ ବିଭାଗୀୟ ଅଧିକାରୀ ଆସନ୍ତା ଦଶ ଦିନ ମଧ୍ୟରେ ମୁଖ୍ୟ ରାସ୍ତାଗୁଡ଼ିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଆଡଭୋକେଟ ପ୍ରଶାନ୍ତ ପ୍ରଧାନ ନେତୃତ୍ୱ ନେଇଥିବା ବେଳେ ସ୍ଥାନୀୟ ମଧ୍ୟରେ ରଞ୍ଜନ ଦାଶ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ପାଇକ, ଶୁଧାଂସୁ ପଣ୍ଡିତ, ନିଳାଞ୍ଚଳ ପଣ୍ଡା, ସୋମନାଥ ଚୌଧୁରୀ, ରାକେଶ ଗୌଡ଼, ସନ୍ତୋଷ ଜେନା, ଉଲ୍ଲାସ ଚନ୍ଦ୍ର ଆନନ୍ଦ, ପି. କ୍ରାନ୍ତି, କେ. ଯୁବରାଜ ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ତ୍ତବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଦିବ୍ୟାଙ୍ଗ ସହାୟତା କେନ୍ଦ୍ର ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ
### ପାରାଆଥ୍‌ଲେଟ ନେଇ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ,୩।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଡ଼ବ୍ଲ୍ୟୁଡି ସେଲ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ସିଡ଼ିସି ଅଧକ୍ଷା ଡ଼.ପୁଷ୍ପାଞ୍ଜଳି ସାମନ୍ତରାୟ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଏମସି କମିଶନର ଜେ.ସୋନାଲ ଯୋଗ ଦେଇଥିଲେ। ପିଡ଼ବ୍ଲ୍ୟୁଡି ସେଲ କନଭେନର ଡ଼.ଶାରଦା ପ୍ରସନ୍ନ ରାଉତ ମଞ୍ଚାସୀନ ଥିଲେ। ପିଡ଼ବ୍ଲ୍ୟୁଡି କେନ୍ଦ୍ର ନିର୍ଦ୍ଦେଶକ ଡ଼.ଅଞ୍ଜନ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୨୧ରେ ଦିବ୍ୟାଙ୍ଗ ସହାୟତା କେନ୍ଦ୍ର ପିଡ଼ବ୍ଲ୍ୟୁଡି (ପର୍ସନ ୱିଥ ଡ଼ିସଏବିଲିଟି) ଆରମ୍ଭ ହୋଇଥିଲା। ଏହି କେନ୍ଦ୍ର ଗତ ଅଗଷ୍ଟରେ ବିଦ୍ଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଥିଲା। ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ଅଧିକାରୀମାନେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଡ଼ବ୍ଲ୍ୟୁଡି ସେଲ ଓ ବିଏମସିର ମିଳିତ ଆନୁକୁଲ୍ୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ନିମନ୍ତେ ଆଗାମୀ ଦିନରେ ପାରାଆଥଲେଟ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଏମସି କମିଶନର ଜେ.ସୋନଲ କେନ୍ଦ୍ର ଓ ରାଜ୍ୟ ସକରାରଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତୋକତ୍ତୋର ଓ ଗବେଷଣାରତ ଛାତ୍ରୀଛାତ୍ରଙ୍କ ସମେତ ବହୁ ଅଧାପକ ଅଧାପିକା ଏବଂ ୧୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ରହିଥିଲେ।

## ଗୋଷ୍ଠୀ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟନ

ଦାରିଙ୍ଗବାଡ଼ି,୩।୧୨(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ରହିଥିବା ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ସାମଗ୍ରୀକ ବିକାଶ ପାଇଁ ଉଦ୍ଦିଷ୍ଟ ତାଲିମ କେନ୍ଦ୍ରକୁ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ତାଲିମ କେନ୍ଦ୍ରରେ ଅଞ୍ଚଳର ୨୫ ପଞ୍ଚାୟତରେ ରହିଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଖେଳ, କୁଦ ସହ ବିଭିନ୍ନ ତାଲିମ ପ୍ରଦାନ ସହ ଶିକ୍ଷଣୀୟ ସାମଗ୍ରୀ ମାଧ୍ୟମରେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ ଫଳରେ ସେମାନଙ୍କ ଶାରୀରିକ, ବୌଦ୍ଧିକ ବିକାଶ ହୋଇପାରିବ ବୋଲି ସମଗ୍ର ଶିକ୍ଷାର ବିଆରସିସି ସୁବାସିନି ଦିଗାଳ କହିଛନ୍ତି। ଉଦଘାଟନ ଉତ୍ସବରେ ବିଧାୟକଙ୍କ ସମେତ ବିଡିଓ ଗଦାଡଧର ପାତ୍ର, ବିଇଓ ରସାନନ୍ଦ କର, ଏବିଇଓ ସୁବାସିନି ଦିଗାଳ, ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ହାତି ପ୍ରମୁଖ ଉପସ୍ଥିତ ରହିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗି, ରଶ୍ମିତା ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆମିଷ ବଜାରରେ ଓଜନରେ ଠକେଇ ଅଭିଯୋଗ

### ଯାଞ୍ଚ ଦାବି କଲା ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର ଅଫିସ, ୩।୧୨

ବ୍ରହ୍ମପୁର ସହରକୁ ପ୍ରତ୍ୟେକ ଦିନ ସହର ସମେତ ଗ୍ରାମାଞ୍ଚଳରୁ ବହୁ ଲୋକ ବିଭିନ୍ନ ସାମଗ୍ରୀ କିଣାବିକା କରିବା ପାଇଁ ଆସିଥାନ୍ତି। ହେଲେ ଦୁଃଖର ବିଷୟ ଲୋକଙ୍କ ଅଜ୍ଞତା ଓ ସରଳତାର ସୁଯୋଗ ନେଇ ବ୍ୟବସାୟୀମାନେ ମାପ ଓ ଓଜନରେ ଠକି ଚାଲିଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ଆମିଷ ବଜାରରୁ ୧ କେଜି ଜିନିଷ ଆଣିଲେ ୧୦୦ରୁ ୨୦୦ ଗ୍ରାମ କମ ରହୁଥିବା ଅଭିଯୋଗ ହୋଇଛି। ଗ୍ରାହକମାନେ ଏହାର ପ୍ରତିବାଦ କରିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଭଳି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଇଲେକଟ୍ରୋନିକ୍ସ ଓଜନ ମେଶିନ, ରସି ଲଗା ତରାଜୁ, ଛୋଟ ତରାଜୁ ଓ ପୁରୁଣା ଅଣଅନୁମୋଦିତ ତରାଜୁ ବ୍ୟବହାର କରି ଏଭଳି ଠକାମୀ ବହୁଳ ମାତ୍ରାରେ କରାଯାଉଛି। ବଜାରରେ କିଛି ଅସାଧୁ ଓ ମୁନାଫାଖୋର ମୁଷ୍ଟିମେୟ ବ୍ୟବସାୟୀଙ୍କ ପାଇଁ ଅନ୍ୟ ସମସ୍ତ ବ୍ୟବସାୟୀ ନିନ୍ଦିତ ଓ ଅପବାଦିତ ହେଉଛନ୍ତି ବୋଲି ସଂଘ କହିଛି। ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ, ଚଢ଼ାଉ ନ ହେବା କାରଣରୁ ବଜାରରେ ଓଜନ ମାପ ଜନିତ ଠକାମୀ ବୃଦ୍ଧି ପାଉଛି। ତେଣୁ ସାଧାରଣ ଜନତାଙ୍କୁ ଠକାମୀ ଦାଉରୁ ରକ୍ଷା କରିବା ପାଇଁ ନିୟମିତ ବ୍ୟବଧାନରେ ଚଢ଼ାଉ କରି ଦୁର୍ନିତିଖୋର ଓ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଟି ଦାବି କରିଛି।

## ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ

ଭଞ୍ଜନଗର,୩।୧୨(ଡି.ଏନ୍.ଏ.): ବିଶିଷ୍ଟ ସାହିତ୍ୟିକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କ ବିୟୋଗରେ ଶନିବାର ସ୍ଥାନୀୟ ଭେଜିପୁଟ ସ୍କୁଲରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ . ସୁରେଶ ପଣ୍ଡା ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. କେ ପି ସାମନ୍ତ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଏବଂ ଆଇନଜୀବୀ ସୋମନାଥ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସାହିତ୍ୟ ପ୍ରତି ରହିଥିବା ଅବଦାନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ସୁଜାତା, ବାମପନ୍ଥୀ ନେତା ହରେକୃଷ୍ଣ ସାହୁ, ଆଇନଜୀବୀ ବୁବୁନୁ ମିଶ୍ର, କବି ବିମ୍ବାଧର ଷଡଙ୍ଗୀ, ଗୋପାଳ ଲେଙ୍କା, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଆଶାକର୍ମୀଙ୍କ କାର୍ଯ୍ୟବନ୍ଦ, ଦାବି ପୂରଣ ନ ହେଲେ ଆନ୍ଦୋଳନ

ସୌରଡ଼ା/ପାତ୍ରପୁର/ପୋଲସରା,୩।୧୨(ଡି.ଏନ୍.ଏ.): ରାଜ୍ୟ ଆଶାକର୍ମୀ ସଂଘ ନିଷ୍ପତ୍ତି କ୍ରମେ ୭ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ୨୧.୧୧.୨୦୨୨ରେ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ୨୯.୧୧.୨୦୨୨ରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। କିନ୍ତୁ କୌଣସି ସମାଧାନ ହୋଇପାରି ନ ଥିଲା। ପୁଣି ରାଜ୍ୟ ସଂଘ ନିଷ୍ପତ୍ତି ପ୍ରକାରେ ପୁନର୍ବାର ବିଧାନସଭା, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ ଓ ଧାରଣା ଦେବାକୁ ନିଷ୍ପତ୍ତି କରାଯାଇଛି। ସ୍ଥାନୀୟ ଶାଖା ପକ୍ଷରୁ ଆଶାକର୍ମୀମାନେ ଏଠାରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଡାକ୍ତର ଦିଲ୍ଲୀପ କୁମାର ନାୟକଙ୍କୁ ଓ ସ୍ଥାନୀୟ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେବା ଯାଏ ରବିବାରଠାରୁ କାର୍ଯ୍ୟ ବନ୍ଦ ଚାଲୁ ରହିବ ବୋଲି କୁହାଯାଇଛି। ସେହିପରି ପାତ୍ରପୁର,୩।୧୨(ଡି.ଏନ୍.ଏ)- ପାତ୍ରପୁର ବ୍ଲକ ଆଶା କର୍ମୀ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଧାରଣା ଦିଆଯାଇଛି। ଏହି ଆନ୍ଦୋଳନରେ ସରୋଜିନୀ ପଣ୍ଡା, ପ୍ରତିମା ସାହୁ, ବାସନ୍ତୀ ପ୍ରଧାନ, ବିଷ୍ଣୁପ୍ରିୟା ନାୟକ, ଉର୍ମିଳା ମାଝୀଙ୍କ ସମେତ ଶତାଧିକ ଆଶାକର୍ମୀ ଧାରଣାରେ ଯୋଗ ଦେଇଥିଲେ। ପୋଲସରା ବ୍ଲକ ଅଧୀନରେ କାର୍ଯ୍ୟରତ ଆଶା କର୍ମୀମାନେ ୭ ଦଫା ଦାବି ନେଇ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ନାରାୟଣ ସ୍ୱାଇଁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୋଲସରା ଆଶା କର୍ମୀ ସଂଘର ସଭାନେତ୍ରୀ ରାଜେଶ୍ୱରୀ ସାହୁ, ସମ୍ପାଦିକା କ୍ରୀଷ୍ଣୟ ପ୍ରଧାନ, କୋଷାଧକ୍ଷ ଶର୍ମିଷ୍ଠା ପ୍ରଧାନ ସମେତ ବହୁ ଆଶା କର୍ମୀ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା ସ୍ୱାମୀ କୋର୍ଟ ଚାଲାଣ

ଗଞ୍ଜାମ,୩।୧୨ (ଡି.ଏନ.ଏ.) ଗଞ୍ଜାମ ଥାନା ଅନ୍ତର୍ଗତ ବିଗିପୁର ଗ୍ରାମର ପ୍ରଶାନ୍ତ ଦାସଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ କୋର୍ଟଚାଲାଣ କରାଯାଇଛି। ସ୍ତ୍ରୀ ସୁଫଳା ଦାସ ନିର୍ଯାତନା ସହିନ ପାରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୪/୨୨ରେ ମାମଲା ରୁଜୁ କରାଯାଇଛି।






























